# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24th May - 2025

### News Editor : Tapan Kumar Moharana

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୀତିଆୟୋଗର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ; ୨୦୪୭ 'ବିକଶିତ ଭାରତ ଲାଗି ବିକଶିତ ରାଜ୍ୟ' ପ୍ରସଙ୍ଗ ନେଇ ଆଲୋଚନା
- ହିନ୍ଦୋଳ ରେଞ୍ଜରେ କାର୍ଯ୍ୟରତ ମୃତ ଫରେଷ୍ଟଗାର୍ଡଙ୍କ ପରିବାରବର୍ଗଙ୍କ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ଯୁକ୍ତଦୁଇ ନାମଲେଖା ପାଇଁ ଆରମ୍ଭ ହେଲା ଆବେଦନ ପ୍ରକ୍ରିୟା

ଏବଂ

- କେରଳ ଉପକୂଳ ସ୍ପର୍ଶ କଲା ଦକ୍ଷିଣପଶ୍ଚିମ ମୌସୁମୀବାୟୁ; ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

# ନୀତି ଆୟୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ  ନୀତି ଆୟୋଗ ପରିଚାଳନା ପରିଷଦର ଦଶମ ବୈଠକ ଅନୁଷ୍ଠିତ ହେଉଛି । ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇଛନ୍ତି ।

ସେହିଭଳି, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ, କେନ୍ଦ୍ର ମନ୍ତ୍ରିପରିଷଦର ସଦସ୍ୟ, ନୀତି ଆୟୋଗର ଉପାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟ ସଦସ୍ୟଗଣ ଉପସ୍ଥିତ ଅଛନ୍ତି । "୨୦୪୭ ବିକଶିତ ଭାରତ ଲାଗି ବିକଶିତ ରାଜ୍ୟ" ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା ହେଉଛି ।  ଦେଶ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ସଂପର୍କରେ ଏହି ବୈଠକରେ  ମତ ବିନିମୟ ହେବା ସହ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ରାଜ୍ୟଗୁଡ଼ିକର ଭୂମିକା ଉପରେ ସହମତି ସୃଷ୍ଟି କରିବା ପାଇଁ ଆଲୋଚନା  ଚାଲିଛି । ଉଦ୍ୟମିତାକୁ ପ୍ରୋତ୍ସାହନ ପ୍ରଦାନ, ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ବୈଠକରେ ଆଲୋଚନା ହେଉଥିବା ଜଣାପଡ଼ିଛି ।

# ଫରେଷ୍ଟଗାର୍ଡ ମୃତ୍ୟୁ

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରେଞ୍ଜ ରାଜମୋହନପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବାବେଳେ କାର୍ଯ୍ୟରତ ଫରେଷ୍ଟଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

ତାଙ୍କ ପରିବାରପ୍ରତି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ୩୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରିଛନ୍ତି। ଏଥିସହ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିବାକୁ ପିସିସିଏଫ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତକାଲି ରାତିରେ କିଛି ଶିକାରୀ ବନ୍ୟଜନ୍ତୁ ଶିକାର କରୁଥିବା ଖବର ପାଇ ପ୍ରହ୍ଲାଦ ପ୍ରଧାନ ୧୩ ଜଣ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ।  ବନ କର୍ମଚାରୀଙ୍କୁ ଦେଖି ହଠାତ୍ ଶିକାରୀମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଶ୍ରୀ ପ୍ରଧାନଙ୍କ ପେଟରେ ଗୁଳି ବାଜିବାରୁ ତାଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଅନୁଗୁଳ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ରିଂ ରୋଡ୍

ରାଜଧାନୀ ଭୁବନେଶ୍ୱରକୁ ଭିଡମୁକ୍ତ କରିବା ଲକ୍ଷ୍ୟରେ ଆସନ୍ତା ଏକ ମାସ ମଧ୍ୟରେ ଜମି ଅଧିଗ୍ରହଣ କରାଯାଇ ରିଂ ରୋଡ୍ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆସନ୍ତାମାସ ୧୨ ତାରିଖରେ ଏକାଧିକ ରାସ୍ତା ଏବଂ ପ୍ରକଳ୍ପର ଶିଳାନ୍ୟାସ କରାଯିବ। ପରେ ଡିସେମ୍ବର ମାସ ସୁଦ୍ଧା ବାମ ଓ ଡାହାଣ ସମାନ୍ତରାଳ ଭାବେ ରାସ୍ତା କାମ ଶେଷ ହେବ। ଆଗାମୀ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

## ଟ୍ରାଫିକ୍ ନାଲି ଲାଇଟ୍

ଭୁବନେଶ୍ୱରରେ ଜନଗହଳିପୂର୍ଣ୍ଣ ଟ୍ରାଫିକ୍ ଥିବା ସ୍ଥାନରେ ନାଲି ଲାଇଟ୍‌କୁ ହଟାଯିବା ସହ ଓଭରବ୍ରିଜ୍ ନିର୍ମାଣ ନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ବୈଠକରେ ସମୀକ୍ଷା କରିଛନ୍ତି ଏବଂ ପୂର୍ତ୍ତ ବିଭାଗ ସହ ମଧ୍ୟ ଆଲୋଚନା ହୋଇଛି । ପ୍ରାରମ୍ଭିକ ଭାବେ ନନ୍ଦନକାନନ ଓ କଳ୍ପନା ରୋଡ୍‌ରେ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

ଅନ୍ୟ ଏକ ପ୍ରସଙ୍ଗରେ ଶ୍ରୀ ମହାପାତ୍ର କହିଛନ୍ତି, ଖୁବ୍ ଶୀଘ୍ର ରାଜଧାନୀ ଭୁବନେଶ୍ୱରରେ ହାଇଡ୍ରୋଜେନ୍ ବସ୍ ଚାଲିବ । ପ୍ରାରମ୍ଭିକ ଭାବରେ ୩ଟି ହାଇଡ୍ରୋଜେନ୍ ବସ୍ ଚାଲିବା ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର** ଜିଲ୍ଲାର ବସନ୍ତପୁରସ୍ଥିତ ଆଇ.ଆଇ.ଏମ୍. ସମ୍ମିଳନୀ କକ୍ଷରେ **ସକ୍ଷମ** କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ **ସକ୍ଷମ** ନାମକ ପତ୍ରିକାର ଉନ୍ମୋଚନ କରିଛନ୍ତି । ଦେଶ ଚଳାଇବାରେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଏଏସ୍‌ଆଇ ମହାନିର୍ଦ୍ଦେଶକ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏଏସ୍‌ଆଇ ମହାନିର୍ଦ୍ଦେଶକ ଯଦୁବୀର ସିଂ ରାୱତ୍ ଆଜି କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହିତ ଗର୍ଭଗୃହରୁ ବାଲି କାଢ଼ିବା ସମ୍ପର୍କିତ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୁରୀ ସର୍କଲ ଅଧିକାରୀଙ୍କ ସମେତ ୧୫ ଜଣିଆ ବିଶେଷଜ୍ଞ ଦଳ ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ୨ ବର୍ଷ ହେଲା ଏଏସ୍‌ଆଇ ପକ୍ଷରୁ କାର୍ଯ୍ୟ କରାଯାଉଛି। ବର୍ତ୍ତମାନ ବାଲି କାଢ଼ିବା କାର୍ଯ୍ୟ ବନ୍ଦ ରହିଛି। ଶ୍ରୀ ରାୱତ୍ କହିଛନ୍ତି, ଏକ ଛୋଟ ଗର୍ତ୍ତ ଦେଇ ବାଲି କଢ଼ାଯିବା କାର୍ଯ୍ୟ ଆରମ୍ଭ ହେବ। କୋଣାର୍କ ମନ୍ଦିର ବର୍ତ୍ତମାନ ସୁରକ୍ଷିତ ରହିଥିବା ନେଇ ବିଶେଷଜ୍ଞ କମିଟି ସ୍ପଷ୍ଟ କରିଛି ବୋଲି ଏଏସ୍‌ଆଇ ମହାନିର୍ଦ୍ଦେଶକ କହିଛନ୍ତି।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୨ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର

ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ଯୁକ୍ତଦୁଇ ନାମଲେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ନାମଲେଖା ପାଇଁ ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଛାତ୍ରଛାତ୍ରୀ **www.samsodisha.gov.in** ପୋର୍ଟାଲରେ ଆବେଦନ କରିପାରିବେ । ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଓ ସଂସ୍କୃତରେ ନାମଲେଖା ପାଇଁ ଆଜି ଅପରାହ୍ନ ୨ଟାରୁ ଆବେଦନ ଆରମ୍ଭ ହୋଇଥିବାବେଳେ ନାମଲେଖା ପ୍ରକ୍ରିୟା ଆସନ୍ତା ମାସ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ।

ଜୁଲାଇ ମାସ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଜୁଲାଇ ୮ରୁ ୧୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ରିପୋର୍ଟିଂ ସହ ନାମ ଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ଜୁଲାଇ ମାସ ୩୦ ତାରିଖରେ ସ୍ପଟ୍ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ଅଗଷ୍ଟ ମାସ ୭ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ନାମଲେଖା ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ ସହାୟତା ନମ୍ବର ୧୫୫୩୩୫ ବା ୧୮୦୦୩୪୫୬୭୭୦ ମଧ୍ୟ ଜାରି କରାଯାଇଛି। ସୂଚନାଯୋଗ୍ୟ,

ଜୁଲାଇମାସ ୨୪ ତାରିଖରୁ ନୂତନ ଭାବେ ନାଲ ଲେଖାଇଥିବା +୨ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହେବ।

## ସମୀକ୍ଷା ବୈଠକ

**ଗଞ୍ଜାମ** ଜିଲ୍ଲା ବୁଗୁଡ଼ା ପଂଚାୟତ ସମିତି ସମ୍ମିଳନୀ କକ୍ଷରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଆଧାରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକଙ୍କ ସମେତ ପଂଚାୟତ ସମିତି ଅଧ୍ୟକ୍ଷା, ସରପଞ୍ଚ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

## ଆଇଆଇଟି ସମ୍ମିଳନୀ

ମାସିକ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ସଚେତନତା ଏବଂ ଏହା ସହ ଜଡିତ ବିଭିନ୍ନ ସମସ୍ୟାର ସମାଧାନକୁ ନେଇ ଆଇଆଇଟି ଭୁବନେଶ୍ୱରଠାରେ ଆସନ୍ତା ୨୮ ତାରିଖ ବୁଧବାର ଦିନ ଏକ ସମ୍ମିଳନୀର ଆୟୋଜନ ହେବ। ସମ୍ମିଳନୀରେ ଋତୁସ୍ରାବ ସମୟରେ ମହିଳାମାନଙ୍କ ପାଇଁ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଓ ପରିବେଶ ଉପରେ ଆଲୋଚନା କରାଯିବ। ଏଥିରେ ବିଶ୍ୱସ୍ତରୀୟ ବିଶେଷଜ୍ଞ, ସ୍ୱେଚ୍ଛାସେବୀ ସଂଗଠନ, ନୀତି ନିର୍ଦ୍ଧାରକ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରର ବ୍ୟକ୍ତିବିଶେଷମାନେ ଯୋଗଦେବେ। କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହେଉଛି ମାସିକ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟପାଇଁ ଏକ ବ୍ୟାପକ

ଆଭିମୁଖ୍ୟ ସୃଷ୍ଟିକରି ମହିଳା ଏବଂ ବାଳିକାଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ଏବଂ ସେବାକୁ ଉନ୍ନତ କରିବା।

## ପରଲୋକ

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ସମ୍ବାଦପାଠକ ତାରା ପ୍ରସାଦ ଷଡଙ୍ଗୀଙ୍କ ୭୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶ୍ରୀ ଷଡଙ୍ଗୀ ୧୯୮୮ ମସିହାରେ ଡିଡି ଓଡ଼ିଆରେ ସମ୍ବାଦପାଠକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ଶିକ୍ଷାଦାନ କରୁଥିଲେ। ତାଙ୍କ ପରଲୋକରେ ସମ୍ବାଦପାଠକ ଜଗତରେ ଶୋକର ଛାୟା ଖେଳିଯାଇଛି।

## ମଧୁକ୍ରାନ୍ତି ଉତ୍ସବ

କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନସ୍ଥ ଖଦୀ ଏବଂ ଗ୍ରାମୋଦ୍ୟୋଗ ଆୟୋଗ-କେ.ଭି.ଆଇ.ସି.ର କେନ୍ଦ୍ରୀୟ କାର୍ଯ୍ୟାଳୟ ମୁମ୍ବାଇଠାରେ ବିଶ୍ୱ ମହୁମାଛି ଦିବସରେ 'ମଧୁକ୍ରାନ୍ତି ଉତ୍ସବ' ପାଳନ କରାଯାଇଛି। 'ଆମ ସମସ୍ତଙ୍କୁ ପୋଷଣ କରିବା ପାଇଁ ପ୍ରକୃତି ଦ୍ୱାରା ଅନୁପ୍ରାଣିତ ମହୁମାଛି' ବିଷୟବସ୍ତୁ ଉପରେ ଉତ୍ସବରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ କେ.ଭି.ଆଇ.ସି.ର ଅଧ୍ୟକ୍ଷ ଉଦ୍‌ଘାଟନ କରି ମଧୁ ବିପ୍ଳବ କିପରି ମହୁମାଛି ପାଳନକାରୀ ଏବଂ କୃଷକମାନଙ୍କ ଜୀବନକୁ ପରିବର୍ତ୍ତନ କରିଛି ତାହା ଉପରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, ମଧୁମିଶନ ଅଧୀନରେ ଏପର୍ଯ୍ୟନ୍ତ ୨୦ ହଜାର ମେଟ୍ରିକ୍‌ଟନ୍‌ରୁ ଊର୍ଦ୍ଧ୍ୱ ମହୁ

ଉତ୍ପାଦନ ହୋଇଥିବାବେଳେ ୩୨୫ କୋଟି ଟଙ୍କାର ଆୟ ହୋଇପାରିଛି। ମଧୁ ମିଶନ ପଦକ୍ଷେପ ଅଧୀନରେ ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ମହୁମାଛି ବାକସ ଏବଂ ଦଳ ବଣ୍ଟନ କରାଯାଇଛି।

## ଆଇନ୍ ସେବା ପ୍ରାଧିକରଣ

ଜାତୀୟ ଆଇନ୍‌ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ **ଗଜପତି** ଜିଲ୍ଲାରେ ଆସନ୍ତା ସୋମବାରଠାରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ସାଥୀ ପ୍ରଚାର କାର୍ଯ୍ୟକ୍ରମର ଆୟୋଜନ କରାଯିବ। କାର୍ଯ୍ୟକ୍ରମରେ ୧୮ ବର୍ଷରୁ କମ୍ ବୟସର ଅବହେଳିତ ଶିଶୁମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ଆଧାର ସଂଯୋଗୀକରଣ କରାଯିବ। ଏହାଦ୍ୱାରା ସରକାରଙ୍କର ବିଭିନ୍ନ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରିବ ବୋଲି ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

## ରାସନ କାର୍ଡ

**ନବରଙ୍ଗପୁର** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ହିତାଧିକାରୀଙ୍କୁ ନୂତନ ରାସନକାର୍ଡ ବଣ୍ଟନ କରିଛନ୍ତି। ଜିଲ୍ଲାରେ ବର୍ତ୍ତମାନସୁଦ୍ଧା ୫ ହଜାର ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୩ ହଜାର ରୁ ଅଧିକ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଛି।

## ତାରାଦେବୀ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ଲାଞ୍ଜିପଲ୍ଲୀର ପ୍ରସିଦ୍ଧ ମା’ ତାରାଦେବୀଙ୍କ ଯାତ୍ରା ବିଭିନ୍ନ ସାହି ପରିକ୍ରମା କରିଛି । ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତୀ ପରେ ମାଆ ତାରାଦେବୀ ଅସ୍ଥାୟୀ ମଣ୍ଡପରୁ ବାହାରି ପାର୍ଶ୍ୱଘଟ ସହ ନଗର ପରିକ୍ରମା କରିଛନ୍ତି । ଗତକାଲି ୧୦୮ ଆଳତୀ ପରେ ରାଜଭୋଗ କରାଯାଇଥିଲା । ଏହି ସମୟରେ ଶହ ଶହ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।

## ପାଣିପାଗ

ଦକ୍ଷିଣପଶ୍ଚିମ ମୌସୁମୀବାୟୁ ଆଜି ପୂର୍ବାହ୍ଣରେ କେରଳ ଉପକୂଳ ସ୍ପର୍ଶ କରିଛି । ସ୍ୱାଭାବିକ ସମୟର ଆଠଦିନ ପୂର୍ବରୁ ମୌସୁମୀବାୟୁ କେରଳରେ ପ୍ରବେଶ କରିଛି । ଗତ ୧୬ ବର୍ଷ ମଧ୍ୟରେ ଚଳିତବର୍ଷ  ମୌସୁମୀ କେରଳରେ ଶୀଘ୍ର ପ୍ରବେଶ କରିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସାଧାରଣତଃ ଜୁନ୍ ପ୍ରଥମ ସପ୍ତାହରେ ମୌସୁମୀବାୟୁ କେରଳରେ ପ୍ରବେଶ କରିଥାଏ । ଓଡ଼ିଶାରେ ପ୍ରାକ୍ ମୌସୁମୀ ପାଣିପାଗ ସକ୍ରିୟ ରହିଥିବାରୁ ଚଳିତବର୍ଷ ଠିକ୍ ସମୟରେ ମୌସୁମୀ ଆସିପାରେ ବୋଲି ଅନୁମାନ କରାଯାଉଛି । ଏହାର ପ୍ରଭାବରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଏ ସମ୍ପର୍କରେ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି ଆକାଶବାଣୀକୁ ଅଧିକ ସୂଚନା ଦେଇ କହିଛନ୍ତି....

**-V/O-***(Manorama Mohanty)*

*********************************